# NATIONAL NEWS BULLETIN (ODIA)

**3 October - 2023**

**Mid Bulletin : 1.50 p.m.**

---

- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଛତିଶଗଡ଼ର ବସ୍ତର ଡିଭିଜନ୍ ସ୍ଥିତ ଜଗଦଲପୁର ଠାରେ ୨୬ ହଜାର କୋଟି ଟଙ୍କା ମୂଲ୍ୟର ବିକାଶମୂଳକ ପ୍ରକଳ୍ପ ଗୁଡ଼ିକର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ।

- ଡୋମିନ୍‌କାନ୍ ରିପବ୍ଲିକ୍ ଉପରାଷ୍ଟ୍ରପତି ରାକେଲ୍ ପେନା ରୋଡ୍ରିଗେଜ୍ ଆଜି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସାକ୍ଷାତ କରିଛନ୍ତି ।

- ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ଭାରତର ଅଭିବୃଦ୍ଧି ହାର ପୂର୍ବାନୁମାନକୁ ଶତକଡ଼ା ୬ ଦଶମିକ ୩ ଭାଗରେ ଅପରିବର୍ତ୍ତିତ ରଖିବାକୁ ବିଶ୍ୱବ୍ୟାଙ୍କ ନିଷ୍ପତ୍ତି ନେଇଛି ।

- ମହାରାଷ୍ଟ୍ର ସରକାର କହିଛନ୍ତି ନାନ୍ଦେଡ୍ ସରକାରୀ ମେଡ଼ିକାଲ କଲେଜ ହସ୍ପିଟାଲରେ ୨୪ଟି ଯାକ ମୃତ୍ୟୁ ଘଟଣାର କାରଣ ବିଷୟରେ ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯିବ ।

ଏବଂ

- ହାଙ୍ଗ୍‌ଝୋ ଏସୀୟ କ୍ରୀଡ଼ାରେ ଭାରତର ପଦକ ସଂଖ୍ୟା ୬୨ରେ ପହଞ୍ଚିଛି ।

---

## ଛତିଶଗଡ଼-ପିଏମ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଛତିଶଗଡ଼ର ବସ୍ତର ଡିଭିଜନ୍ ସ୍ଥିତ ଜଗଦଲପୁର ଠାରେ ୨୬ ହଜାର କୋଟି ଟଙ୍କା ମୂଲ୍ୟର ବିକାଶମୂଳକ

ପ୍ରକଳ୍ପ ଗୁଡ଼ିକର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ପ୍ରଧାନମନ୍ତ୍ରୀ ବସ୍ତର ର ନଗରନାର୍ ଠାରେ ସ୍ଥାପିତ NMDC ଇସ୍ପାତ କାରଖାନାକୁ ଦେଶ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି । ୨୪ ହଜାର କୋଟି ଟଙ୍କା ମୂଲ୍ୟରେ ନିର୍ମିତ ସେହି ଇସ୍ପାତ କାରଖାନାରୁ ଉନ୍ନତମାନର ଇସ୍ପାତ ଉତ୍ପାଦିତ ହେବ । ସେହି କାରଖାନା ହଜାର ହଜାର ଲୋକଙ୍କୁ ନିଯୁକ୍ତି ପ୍ରଦାନ କରିବ ।

ଜଗଦଲପୁରକୁ ତାଙ୍କର ଗସ୍ତ ସମୟରେ ପ୍ରଧାନମନ୍ତ୍ରୀ ଜଗଦଲପୁର ରେଳ ଷ୍ଟେସନର ବିକାଶ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ଓ ଅନ୍ତାଗଡ଼ ଏବଂ ତାରୋକି ମଧ୍ୟରେ ନୂଆ ରେଳ ଲାଇନକୁ ଦେଶ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି । ଏହା ବ୍ୟତୀତ ଜଗଦଲପୁର ଓ ଦାନ୍ତେୱାଡ଼ା ମଧ୍ୟରେ ରେଳ ଲାଇନ୍‌ର ଦୋହରୀକରଣକୁ ମଧ୍ୟ ପ୍ରଧାନମନ୍ତ୍ରୀ ଉତ୍ସର୍ଗ କରିଛନ୍ତି । ଶ୍ରୀ ମୋଦୀ ତାରୋକି ଓ ରାୟପୁର ମଧ୍ୟରେ ରେଳସେବାର ଶୁଭ ଉଦ୍‌ଘାଟନ କରିଛନ୍ତି । ଏହିସବୁ ପ୍ରକଳ୍ପ ଗୁଡ଼ିକ ଆଦିବାସୀ ବହୁଳ ଇଲାକାରେ ରେଳ ଯୋଗାଯୋଗ ବୃଦ୍ଧି କରିବା ସହ ସେହି ଅଞ୍ଚଳର ଅର୍ଥନୈତିକ ବିକାଶ ପାଇଁ ପଥ ଉନ୍ମୁକ୍ତ କରିବ ।

ପ୍ରଧାନମନ୍ତ୍ରୀ କୁଙ୍କୁରୀ ଓ ଛତିଶଗଡ଼-ଝାଡ଼ଖଣ୍ଡ ସୀମା ମଧ୍ୟରେ ୪୫ ନମ୍ବର ଜାତୀୟ ରାଜପଥରେ ନିର୍ମିତ ନୂଆ ସଡ଼କୁ ମଧ୍ୟ ଉତ୍ସର୍ଗ କରିଛନ୍ତି ।

## ପ୍ରେସିଡେଣ୍ଟ ଡୋମିନିକାନ୍ ରିପବ୍ଲିକ୍

ଡୋମିନ୍‌କାନ୍ ରିପବ୍ଲିକ୍ ଉପରାଷ୍ଟ୍ରପତି ରାକେଲ୍ ପେନା ରୋଡ୍ରିଗେଜ୍ ଆଜି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସାକ୍ଷାତ କରିଛନ୍ତି । ଡୋମିନକାନ୍ ରିପବ୍ଲିକ୍ ଉପରାଷ୍ଟ୍ରପତିଙ୍କ ପ୍ରଥମ ଭାରତ ଗସ୍ତରେ ତାଙ୍କୁ ସ୍ୱାଗତ କରି ଶ୍ରୀମତୀ ମୁର୍ମୁ କହିଛନ୍ତି ଭାରତ ଓ ଡୋମିନିକାନ୍ ରିପବ୍ଲିକ୍ ସେମାନଙ୍କ

ମଧ୍ୟରେ କୂଟନୈତିକ ସ୍ଥାପନର ୨୫ତମ ବାର୍ଷିକୀ ପାଳନ କରୁଥିବା ଭଳି ସମୟରେ ସେ ଭାରତ ଗସ୍ତରେ ଆସିଛନ୍ତି । ସେ କହିଛନ୍ତି ଦୁଇ ଦେଶ ମଧ୍ୟରେ ଦ୍ୱିପକ୍ଷୀୟ ସଂପର୍କ ଅତ୍ୟନ୍ତ ସୌହାର୍ଦ୍ଦ୍ୟପୂର୍ଣ୍ଣ ତଥା ଉତ୍ତମ ରହିଛି । ଉଭୟ ଦେଶ ମଧ୍ୟରେ ଏହି ସଂପର୍କ ଗଣତାନ୍ତ୍ରିକ ମୂଲ୍ୟବୋଧ ଓ ଆନ୍ତର୍ଜାତିକ ମଞ୍ଚରେ ପରସ୍ପରକୁ ସହଯୋଗ ଉପରେ ପର୍ଯ୍ୟବେସିତ ।

ରାଷ୍ଟ୍ରପତି କହିଛନ୍ତି ଡୋମିନିକାନ୍ ରିପବ୍ଲିକ୍ ହେଉଛି ଲାଟିନ୍ ଆମେରିକାରେ ଭାରତର ଅଷ୍ଟମ ବୃହତମ ବାଣିଜ୍ୟ ଭାଗିଦାର । ବାଣିଜ୍ୟ ସଂପର୍କରେ ଆହୁରି ଉନ୍ନତି ଘଟିବାର ଯଥେଷ୍ଟ ସୁଯୋଗ ଥିବାର ସେ କହିଛନ୍ତି । ଶ୍ରୀମତୀ ମୁର୍ମୁ କହିଛନ୍ତି ଔଷଧ ଉତ୍ପାଦନ, ସାମୁଦ୍ରିକ ବିଜ୍ଞାନ, ପାଣିପାଗ, ଦୁର୍ବିପାକ ପ୍ରଶମନ ମୌଳିକ ଢ଼ାଞ୍ଚା ଓ ଡିଜିଟାଲ୍ ପେମେଣ୍ଟ୍ ଟେକ୍ନୋଲୋଜି ଭଳି କ୍ଷେତ୍ରରେ ଏକାଠି ମିଶି କାର୍ଯ୍ୟ କରିବା ଓ ଅଭିଜ୍ଞତାର ଆଦାନ ପ୍ରଦାନ କରିବା ପାଇଁ ଉଭୟ ଦେଶ ଲାଗି ଅନେକ ସୁଯୋଗ ରହିଛି । ଉଭୟ ନେତା ଦୁଇଦେଶ ମଧ୍ୟରେ ଯୋଗାଯୋଗ ବୃଦ୍ଧି କରିବାକୁ ଏକମତ ହୋଇଛନ୍ତି ।

## ବିହାର-ଫ୍ଲଡ୍

ବିହାରରେ ଲଗାଣ ବର୍ଷା ଯୋଗୁଁ ହଠାତ୍ ବନ୍ୟା ଆସିବାରୁ କାଇମୁର୍ ଜିଲ୍ଲାର ଅଧିକାଂଶ ଭାଗ ଜଳମଗ୍ନ ହୋଇଛି । କର୍ମନାଶା, ଦୁର୍ଗାବତୀ ଓ ସୁବାରା ଭଳି ନଦୀଗୁଡ଼ିକର ଜଳସ୍ତର ବୃଦ୍ଧି ପାଇଛି । ଭାବୁଆ ସହରରେ ଅନେକ ଘର, ହସ୍ପିଟାଲ ଓ କାର୍ଯ୍ୟାଳୟ ମଧ୍ୟରେ ବନ୍ୟା ଜଳ ପ୍ରବେଶ କରିଛି । DAV ସ୍କୁଲ ଓ କସ୍ତୁରବା ଗାନ୍ଧୀ ଆବାସିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ବନ୍ୟା ପାଣି ଘେର ମଧ୍ୟରୁ ଉଦ୍ଧାର କରାଯାଇଛି । କାଇମୁର୍ ଜିଲ୍ଲାପାଳ ଶାବନ କୁମାର କହିଛନ୍ତି ଗର୍ଭବତୀ ମହିଳାମାନଙ୍କ

ସମେତ ବହୁ ରୋଗୀଙ୍କୁ ନିରାପଦ ସ୍ଥାନକୁ ପଠାଯାଇଛି । ଦୁର୍ବିପାକ ପରିଚାଳନା ଟିମ୍ ଗୁଡ଼ିକୁ ସଜାଗ କରି ରଖାଯାଇଥିବାର ସେ ଜଣାଇଛନ୍ତି । ରୋହତାଶ୍, କାଇମୁର୍, ଗୟା, ଔରଙ୍ଗାବାଦ ଓ ଆଉ କିଛି ଜିଲ୍ଲାରେ ଭୀଷଣ ବର୍ଷା ହେବାର ପାଣିପାଗ ବିଭାଗ ପୂର୍ବାନୁମାନ କରିଛି ।

## ୱାର୍ଲଡ ବ୍ୟାଙ୍କ-ଇଣ୍ଡିଆ

୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ଭାରତର ଅଭିବୃଦ୍ଧି ହାର ପୂର୍ବାନୁମାନକୁ ଶତକଡ଼ା ୬ ଦଶମିକ ୩ ଭାଗରେ ଅପରିବର୍ତ୍ତିତ ରଖିବାକୁ ବିଶ୍ୱବ୍ୟାଙ୍କ ନିଷ୍ପତ୍ତି ନେଇଛି । ବାହ୍ୟ ଚ୍ୟାଲେଞ୍ଜ ଗୁଡ଼ିକ ସତ୍ତ୍ୱେ ଭାରତର ଅର୍ଥନୈତିକ ଅଭିବୃଦ୍ଧି ହାର ଭଲ ଥିବାରୁ ବିଶ୍ୱବ୍ୟାଙ୍କ ଏଭଳି ନିଷ୍ପତ୍ତି ନେଇଛି ।

ଗତ ଏପ୍ରିଲ୍ ମାସରେ ବିଶ୍ୱବ୍ୟାଙ୍କ ୨୦୨୩-୨୪ ପାଇଁ ଭାରତର ଅଭିବୃଦ୍ଧି ହାର ପୂର୍ବାନୁମାନକୁ ଶତକଡ଼ା ୬ ଦଶମିକ ୩ ଭାଗକୁ ହ୍ରାସ କରିଥିଲା । ତାହା ପୂର୍ବରୁ ବିଶ୍ୱବ୍ୟାଙ୍କ ଏହାକୁ ଶତକଡ଼ା ୬ ଦଶମିକ ୬ ଭାଗ ରଖିଥିଲା । ବିଶ୍ୱବ୍ୟାଙ୍କର ସର୍ବଶେଷ 'ଭାରତ ବିକାଶ ରିପୋର୍ଟ'ରେ କୁହାଯାଇଛି ଆନ୍ତର୍ଜାତିକ ଚ୍ୟାଲେଞ୍ଜ ଗୁଡ଼ିକର ସମ୍ମୁଖୀନ ହେବା ସତ୍ତ୍ୱେ ଭାରତ ୨୦୨୨-୨୩ରେ ବିଶ୍ୱରେ ଏକମାତ୍ର ଦ୍ରୁତ ବିକାଶକାରୀ ଅର୍ଥନୀତି ହୋଇ ରହିଛି । ସେହି ସମୟରେ ଭାରତର ଅଭିବୃଦ୍ଧି ହାର ଶତକଡ଼ା ୭ ଦଶମିକ ୨ ଭାଗ ରହିଥିଲା ।

## ଲାର୍ଜେଷ୍ଟ ଆମ୍ବେଦକର ଷ୍ଟାଚ୍ୟୁ

ଉତ୍ତର ଆମେରିକାର ମ୍ୟାରିଲ୍ୟାଣ୍ଡ ରେ ଆସନ୍ତା ୧୪ ତାରିଖରେ ଡକ୍ଟର ବି.ଆର୍. ଆମ୍ବେଦକରଙ୍କର ସର୍ବବୃହତ ପ୍ରତିମୂର୍ତ୍ତିକୁ ଭାରତ ଉନ୍ମୋଚନ କରିବାକୁ ଯାଉଛି । ଆମ୍ବେଦକର ଇଣ୍ଟରନ୍ୟାଶନାଲ୍ ସେଣ୍ଟର୍ ର କହିବା ଅନୁସାରେ ୧୯ ଫୁଟ ଉଚ୍ଚତା ବିଶିଷ୍ଟ ଆମ୍ବେଦକରଙ୍କର ସେହି ପ୍ରତିମୂର୍ତ୍ତିର ନାମ 'ଷ୍ଟାଚ୍ୟୁ ଅଫ୍ ଇକ୍ୱାଲିଟି' ରଖାଯାଇଛି । ସ୍ଥପତି ରାମ ସୂତାର ଏହି ପ୍ରତିମୂର୍ତ୍ତିର ନିର୍ମାଣ କରିଛନ୍ତି । ରାମ ସୂତାର ମଧ୍ୟ ଗୁଜରାତର ଅହମ୍ମଦାବାଦ ଠାରେ ସର୍ଦ୍ଦାର ପଟେଲଙ୍କର ପ୍ରତିମୂର୍ତ୍ତିର ନିର୍ମାଣ କରିଥିଲେ । ମ୍ୟାରିଲ୍ୟାଣ୍ଡ୍ ରେ ଆମ୍ବେଦକରଙ୍କର ଏହି ପ୍ରତିମୂର୍ତ୍ତି ୧୩ ଏକର ପରିମିତ ଅଞ୍ଚଳରେ ନିର୍ମିତ ହୋଇଛି ।

---

## ମହା ନାନ୍ଦେଡ ଇନ୍‌ସଡେଣ୍ଟ

ମହାରାଷ୍ଟ୍ର ସରକାର କହିଛନ୍ତି ନାନ୍ଦେଡ୍ ସରକାରୀ ମେଡ଼ିକାଲ କଲେଜ ହସ୍ପିଟାଲରେ ୨୪ଟି ଯାକ ମୃତ୍ୟୁ ଘଟଣାର କାରଣ ବିଷୟରେ ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯିବ । ଗତ ଶନିବାର ଓ ରବିବାର ଦିନ ୨୪ ଘଣ୍ଟା ସମୟ ମଧ୍ୟରେ ସେଠାରେ ୨୪ ଜଣ ଲୋକ ମୃତ୍ୟୁବରଣ କରିଥିଲେ । ହସ୍ପିଟାଲ୍ ପ୍ରଶାସନ କହିଛି ସେହି ବ୍ୟକ୍ତିମାନେ ଗୁରୁତର ଅବସ୍ଥାରେ ହସ୍ପିଟାଲକୁ ଆସିଥିଲେ । ମହାରାଷ୍ଟ୍ର ମେଡ଼ିକାଲ ଏଜୁକେସନ୍ ବିଭାଗ ମନ୍ତ୍ରୀ ହାସନ୍ ମୁଶ୍ରିଫ୍ ଆଜି ଅପରାହ୍ନରେ ହସ୍ପିଟାଲକୁ ଗସ୍ତ କରୁଛନ୍ତି । ସେହି ରୋଗୀମାନଙ୍କର ମୃତ୍ୟୁଘଟଣାର ତଦନ୍ତ ପାଇଁ ଡାକ୍ତରମାନଙ୍କର ଏକ କମିଟି ଗଠନ୍ କରାଯିବା କଥା ସେ ଜଣାଇଛନ୍ତି । ଇତିମଧ୍ୟରେ ମହାରାଷ୍ଟ୍ର ବିରୋଧୀ ଦଳ ନେତା ବିଜୟ ବଡେଡିବର୍ ରାଜ୍ୟ ସ୍ୱାସ୍ଥ୍ୟ ଓ ମେଡ଼ିକାଲ

ଏଜୁକେଶନ ବିଭାଗ ମନ୍ତ୍ରୀଙ୍କର ଇସ୍ତଫା ଦାବି କରିଛନ୍ତି । ସେ କହିଛନ୍ତି ଗତ ୪୮ ଘଣ୍ଟା ମଧ୍ୟରେ ନାନ୍ଦେଡ ଗମେଣ୍ଟ ହସ୍ପିଟାଲରେ ୧୩ ଜଣ ରୋଗୀ ମୃତ୍ୟୁବରଣ କରିଥିବା ବେଳେ ଛତ୍ରପତି ସମ୍ଭାଜୀ ନଗର ଗମେଣ୍ଟ୍ ହସ୍ପିଟାଲରେ ୧୦ଜଣ ରୋଗୀ ମୃତ୍ୟୁବରଣ କରିଛନ୍ତି । ଏହି ମୃତ୍ୟୁ ପଛରେ ଔଷଧର ଅଭାବକୁ ସେ କାରଣ ଭାବେ ଦର୍ଶାଇଛନ୍ତି ।

# ଏସିଆନ୍ ଗେମ୍ସ

ହାଙ୍ଗ୍‌ଝୋ ଏସୀୟ କ୍ରୀଡ଼ାରେ ଭାରତର ପଦକ ସଂଖ୍ୟା ୬୨ରେ ପହଞ୍ଚିଛି । ତାହା ମଧ୍ୟରେ ୧୩ଟି ସ୍ୱର୍ଣ୍ଣ, ୨୪ଟି ରୌପ୍ୟ ଓ ୨୫ଟି ବ୍ରୋଞ୍ଜ ପଦକ ରହିଛି । ଭାରତ କ୍ରୀଡ଼ାର ଦଶମ ଦିନରେ ଆଉ ଏକ ବ୍ରୋଞ୍ଜ ପଦକ ହାସଲ କରିଛି । ପଦକ ତାଲିକାରେ ଭାରତ ଚତୁର୍ଥ ସ୍ଥାନରେ ରହିଛି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏସୀୟ କ୍ରୀଡ଼ାରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା କ୍ରୀଡ଼ାବିତ୍‌ମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ମୋଦୀ ପ୍ରୀତି ଲାମ୍ବା ଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ପ୍ରୀତି ଲାମ୍ବା ୩ ହଜାର ମିଟର ଷ୍ଟିପଲ୍ ଚେଜ୍ ପ୍ରତିଯୋଗିତାରେ ବ୍ରୋଞ୍ଜ ପଦକ ବିଜେୟୀ ହୋଇଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି ପ୍ରୀତି ଲାମ୍ବାଙ୍କର ଅକ୍ଲାନ୍ତ ଉଦ୍ୟମ ଓ ଦୃଢ଼ ମନୋବଳ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ହେବ । ପ୍ରଧାନମନ୍ତ୍ରୀ’ ମହମ୍ମଦ ଆଜମଲ୍, ବିଦ୍ୟା ରାମରାଜ, ରାଜେଶ ରମେଶ ଓ ଭେଙ୍କଟେଶ ଶୁଭାଙ୍କୁ 4x400 ମିଟର୍ ମିକ୍ସଡ ରିଲେ ଦୌଡ଼ ପ୍ରତିଯୋଗିତାରେ ରୌପ୍ୟ ପଦକ ବିଜୟୀ ହୋଇଥିବାରୁ ଅଭିନନ୍ଦନ ଜଣାଇଛନ୍ତି ।

ମୁଷ୍ଟିଯୁଦ୍ଧରେ ପ୍ରୀତି ଚୀନ୍‌ର ଚାଙ୍ଗ ୟୁଆନ୍ ଙ୍କ ଠାରୁ ୫୪ କିଲୋଗ୍ରାମ୍ ବର୍ଗରେ ପରାଜିତ ହୋଇ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି । ଲବ୍‌ଲିନା ବୋର୍ଗୋହେନ୍ ୭୫ କିଲୋଗ୍ରାମ ମହିଳା ମୁଷ୍ଟିଯୁଦ୍ଧ ପ୍ରତିଯୋଗିତାର ଫାଇନାଲ୍‌ରେ ପ୍ରବେଶ କରିଛନ୍ତି । ସେ ଥାଇଲ୍ୟାଣ୍ଡ ର ବାଇସନ୍ ମନିକନ୍ ଙ୍କୁ ସେମିଫାଇନାଲ୍‌ରେ ପରାସ୍ତ କରିଛନ୍ତି ।

କାନୋଇଙ୍ଗ୍ ରେ ଅର୍ଜୁନ ସିଂ ଓ ସୁନୀଲ ସିଂ ସଲାମ ହଜାରେ ମିଟର ପୁରୁଷ ପ୍ରତିଯୋଗିତାରେ ବ୍ରୋଞ୍ଜ ପଦକ ବିଜୟୀ ହୋଇଛନ୍ତି ।

କ୍ରିକେଟ୍‌ରେ ଭାରତ ପୁରୁଷ ପ୍ରତିଯୋଗିତାର ସେମିଫାଇନାଲ୍‌ରେ ସ୍ଥାନ ପାଇଛି । ଭାରତ’ ନେପାଳକୁ ୨୩ ରନ୍‌ରେ ପରାସ୍ତ କରିଥିଲା । ସ୍ପୋର୍ଟ କ୍ଲାଇବିଙ୍ଗ୍ ରେ ଅନୀଶା ବର୍ମା ଓ ଶିବପ୍ରୀତି ପନୁ ପ୍ରମୁଖ ୧୬ ଜଣ ପ୍ରତିଯୋଗୀଙ୍କ ମଧ୍ୟରେ ସ୍ଥାନ ପାଇଛନ୍ତି ।

ତୀର ଚାଳନାରେ ଜ୍ୟୋତି ସୁରେଖା ବେନାମ ବ୍ୟକ୍ତିଗତ ମହିଳା କମ୍ପାଉଣ୍ଡ ପ୍ରତିଯୋଗିତାର ଫାଇନାଲ୍‌ରେ ପ୍ରବେଶ କରିଛନ୍ତି । ସେ ଆଦିତି ଗୋପୀଚାନ୍ଦଙ୍କୁ ହରାଇ ଏହି ସଫଳତା ହାସଲ କରିଛନ୍ତି । ଆଦିତି ଗୋପୀଚାନ୍ଦ ସ୍ୱାମୀ ବ୍ରୋଞ୍ଜ ପଦକ ପାଇଁ ପ୍ରତିଯୋଗିତା କରିବେ । ଅଭିଷେକ୍ ବର୍ମା’ କାଜାଖସ୍ତାନର ଆନ୍ଦ୍ରେ ଟ୍ୟୁଟୁନ୍ ଙ୍କୁ ହରାଇ କମ୍ପାଉଣ୍ଡ ପୁରୁଷ ବ୍ୟକ୍ତିଗତ କ୍ୱାର୍ଟର ଫାଇନାଲ୍‌ରେ ପ୍ରବେଶ କରିଛନ୍ତି ।

ମହିଳା ହକିରେ ଟିମ୍ ଇଣ୍ଡିଆ’ ହଙ୍ଗ୍‌କଙ୍ଗ୍‌କୁ ୧୩-୦ରେ ପରାସ୍ତ କରି ସେମିଫାଇନାଲ୍‌ରେ ପ୍ରବେଶ କରିଛି । ମହିଳା ୮୦୦ ମିଟର ପ୍ରତିଯୋଗିତାରେ ଚନ୍ଦା ପ୍ରଥମ ସ୍ଥାନ ଅଧିକାର କରିଛନ୍ତି ।

ଟେନିସ୍‌ରେ ମହିଳା ଟିମ୍ ମଙ୍ଗୋଲିଆକୁ ୩-୦ରେ ପରାସ୍ତ କରିଛି । ଭାରତୀୟ ମିକ୍ସଡ୍ ଡବଲ୍‌ସ ସ୍କ୍ୱାସ୍ ଯୋଡ଼ି ଦୀପିକା ପାଲିକଲ ଓ ହରିନ୍ଦର ପାଲ୍ ସିଂ ସାନ୍ଧୁ' ଜାପାନକୁ ପରାସ୍ତ କରିଛନ୍ତି । ପୁରୁଷ 4X 400 ମିଟର ରିଲେ  ରାଉଣ୍ଡ୍ ଓ୍ୱାନ୍ ରେ ଭାରତ ପ୍ରଥମ ହୋଇ ଫାଇନାଲ୍‌ରେ ପ୍ରବେଶ କରିଛି ।

କବାଡ଼ିରେ ଭାରତ ସହଜରେ ବାଙ୍ଗଲାଦେଶକୁ ହରାଇଛି ।

ବ୍ୟାଡମିଣ୍ଟନରେ ଏଚ୍.ଏସ୍ ପ୍ରଣୟ ମଙ୍ଗୋଲିୟାର ମୁଙ୍ଖବତ୍‌ଙ୍କୁ ପୁରୁଷ ସିଙ୍ଗିଲ୍‌ସ ରାଉଣ୍ଡ୍‌ରେ ହରାଇଥିବା ବେଳେ ପି.ବି. ସିନ୍ଧୁ' ଚୀନ୍ ତାଇପେଇର ଓ୍ୱେନ୍ ଚି ସୁ ଙ୍କୁ ମହିଳା ସିଙ୍ଗିଲ୍‌ରେ ପରାସ୍ତ କରିଛନ୍ତି ।

---